ସକାଳ THE SAKALA

ପଶ୍ଚିମାଞ୍ଚଳ
www.sakalaepaper.com




**ବଲାଙ୍ଗିର ଜିଲ୍ଲା କାରାଗାର**

# ସାମାଜିକ ଓ ଆର୍ଥିକ ନିରାପତ୍ତାର ପ୍ରୟୋଗଶାଳା

- ଧାନ ଓ ପରିବା ଚାଷ କରୁଛନ୍ତି କଏଦୀ
- ଉଚ୍ଚଶିକ୍ଷା ଗ୍ରହଣରେ ସହାୟକ ଜେଲ୍ କର୍ତ୍ତୃପକ୍ଷ
- ସୂତାକାମ ପାଇଁ ରହିଛି ସ୍ୱତନ୍ତ୍ର ମଙ୍ଗାଶାଳ

**ବଲାଙ୍ଗିର, ୧୫।୩(ସମିସ)**

ରାଜ୍ୟରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ଜେଲ୍ ଭିତରେ ବଲାଙ୍ଗିର ଜେଲ୍‌ର ରହିଛି ସ୍ୱତନ୍ତ୍ର ସ୍ଥାନ। କଡା ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ କଏଦୀ ମାନଙ୍କୁ ସଂସ୍କାର ଶିଖାଇବା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ବଲାଙ୍ଗିର ଜେଲ୍ ସ୍ୱତନ୍ତ୍ର ଛାପ ଛାଡିପାରିଛି। ବଲାଙ୍ଗିର ଜେଲ୍ ଭିତରେ ରହି କିଏ ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରୁଛି ତ ପୁଣି କିଏ ଖାଲି ସମୟର ବ୍ୟବହାର କରି ନିଜ ଉଚ୍ଚଶିକ୍ଷା ଗ୍ରହଣ କରୁଛି। ଏଭଳି ଏକ ପରିବେଶ ଯୋଗାଇଦେବାରେ ଜେଲ୍ କର୍ତ୍ତୃପକ୍ଷ ସଫଳ ହୋଇଛନ୍ତି।

ଜେଲ୍‌ଦଣ୍ଡ ଯମ ଯାତନା ସହ ସମାନ ବୋଲି କୁହାଯାଏ। ଜେଲ୍ ଚାରିକାନ୍ଥ ଭିତରେ ହିଁ ଦିନ ଓ ରାତି କଟିଥାଏ। ଯାହାଫଳରେ ଅନେକ ଜେଲ୍ ଭିତରେ ହିଁ ମାନସିକ ରୋଗୀ ପାଲଟିଯାଇଥାନ୍ତି। ହତ୍ୟା, ଚୋରି, ଦୁଷ୍କର୍ମ, ଠକେଇ ମାମଲାରେ ଜେଲ ଯାଉଥିବା ବେଳେ ଅନେକ ପରିସ୍ଥିତିରେ ଫସି ମଧ୍ୟ ଜେଲ ଯାଇଥାନ୍ତି। ଜେଲ ଭିତରେ ରହୁଥିବା ଅନ୍ତେବାସୀ, କଏଦୀ ମାନଙ୍କ ଭିତରେ କିଛି ଏହିଭଳି ଅନ୍ତେବାସୀ ଥାନ୍ତି ଯେଉଁମାନେ କି ତାଙ୍କ ଭବିଷ୍ୟତ ଚିନ୍ତାରେ ରହିଥାନ୍ତି। ସେମାନଙ୍କ ମନରେ ସଂସ୍କାର ଆଣିବା ପାଇଁ ମଧ୍ୟ ଜେଲ୍ ଭିତରେ ଚାଲିଛି ପ୍ରୟାସ।

ବଲାଙ୍ଗିର ଜେଲ୍‌ରେ ୩୯୨ ଜଣ ଅନ୍ତେବାସୀଙ୍କୁ ରଖିବାର ବ୍ୟବସ୍ଥା ରହିଛି। ଏଥିରେ କିଛି ବିଚାରାଧୀନ କଏଦୀ ମଧ୍ୟ ରହିଥାନ୍ତି। ୭୦-୮୦ ଜଣ କଏଦୀ ଓ ବିଚାରାଧୀନ କଏଦୀଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଇଛି। ଏଥିପାଇଁ ସେମାନଙ୍କୁ ପାରିଶ୍ରମିକ ଦିଆଯିବାର ବ୍ୟବସ୍ଥା ରହିଛି।





ଏହି ଅନ୍ତେବାସୀମାନେ ଜେଲ୍ ଅଧୀନରେ ଥିବା ଜମିରେ ଚାଷ କରିଥାନ୍ତି। ଜେଲ୍ ଭିତରେ ଧାନଚାଷ ସହ ପରିବା ଚାଷ ମଧ୍ୟ କରାଯାଇଥାଏ। ଧାନ ଅମଳ ହେବା ପରେ ଜେଲ୍ କର୍ତ୍ତୃପକ୍ଷ ଏହାକୁ ମଣ୍ଡିରେ ବିକ୍ରି କରିଥାନ୍ତି। ଗତ ବର୍ଷ ଧାନ ବିକି ୧ ଲକ୍ଷ ୨୦ ହଜାର ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବା ଜଣାପଡ଼ିଛି। ପରିବା ବିକ୍ରି କରି ମିଳୁଥିବା ଟଙ୍କା ମଧ୍ୟ ରାଜସ୍ୱ ଭାବେ ଜମା ହୋଇଥାଏ। ସେହିପରି ଜେଲ୍ ଭିତରେ ଗଣ୍ଡି ହଳଦୀକୁ ଗୁଣ୍ଡ କରି ତାକୁ ପ୍ୟାକିଂ କରି ବିକ୍ରି କରାଯାଉଥିବା ବେଳେ ଫିନାଇଲ ତିଆରି କରି ମଧ୍ୟ ବିକ୍ରି କରାଯାଉଛି। ଦୈନିକ ୯୫ ଟଙ୍କା ହିସାବରେ ତାଙ୍କ ବ୍ୟାଙ୍କଖାତାରେ ଜେଲ୍ କର୍ତ୍ତୃପକ୍ଷ ଜମା କରିଥାନ୍ତି।

ବଲାଙ୍ଗିର ଜେଲ ଭିତରେ ଥିବା ମଙ୍ଗାଶାଳରେ ସୂତା କାଟିବାଠାରୁ ଆରମ୍ଭ କରି କପଡ଼ା ତିଆରି କରିବା ପର୍ଯ୍ୟନ୍ତ ସେଠାରେ କାମ ହୋଇଥାଏ। ଏଥିପାଇଁ ଜଣେ କର୍ମଚାରୀ ମଧ୍ୟ ନିୟୋଜିତ ରହିଛନ୍ତି। ଜେଲରେ ଥିବା ପ୍ରାୟ ୧୦ ଜଣ ଅନ୍ତେବାସୀ ମଙ୍ଗାଶାଳରେ ବୁଣାବୁଣି କରିଥାନ୍ତି। କପଡ଼ା ବୁଣିବା ପାଇଁ ଢେଙ୍କାନାଳରୁ ସୂତା ଆସିଥାଏ। ଅନ୍ତେବାସୀମାନେ ସୂତା କାଟି ସେଥିରେ ଲୁଙ୍ଗି, ଗାମୁଛା, ରୁମାଲ, ବେଡସିଟ, ଦରି ସବୁ ତିଆରି କରିଥାନ୍ତି। ବିକ୍ରି କରିବା ପାଇଁ ଜେଲ ପରିସରରେ ସ୍ୱତନ୍ତ୍ର କାଉଣ୍ଟର ରହିଛି। ଲୋକଉତ୍ସବ ସମୟରେ ପଲ୍ଲିଶ୍ରୀ ମେଳାରେ ମଧ୍ୟ ଏହାକୁ ବିକ୍ରୟ କରାଯାଏ। ଅନ୍ୟପକ୍ଷରେ ଏହି ମଙ୍ଗାଶାଳରେ ତିଆରି କପଡ଼ାରେ ଜେଲ ଅନ୍ତେବାସୀଙ୍କ ପେଣ୍ଟ ସାର୍ଟ ମଧ୍ୟ ତିଆରି କରାଯାଉଥିବା ଭାରପ୍ରାପ୍ତ ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁ ସୂଚନା ଦେଇଛନ୍ତି। ବର୍ତ୍ତମାନ ବଲାଙ୍ଗିର ଜେଲରେ ଅଧ୍ୟାପକରୁ ଅପରାଧୀ ସାଜିଥିବା ପୁଞ୍ଜିଲାଲ ମେହେର ଏମଜେଏମସି କୋର୍ସରେ ଆଡମିସନ କରାଯାଇଛି। ଅଭିଯୁକ୍ତ ସୁଜିତ ତ୍ରିପାଠୀ ଓ କେଶରୀ ପୋଢ ବିବିଏରେ ଆଡମିସନ କରିଥିବା ବେଳେ ପୋକସୋ ମାମଲାର ଅଭିଯୁକ୍ତ ସୁମିତ ମଲ୍ଲିକ ବିଜେଏମସି, ସୁରେଶ ମେହେର ଯୁକ୍ତତିନି (ଓଡିଆ), ଦିଲୀପ ଭୋଇ ଯୁକ୍ତ ତିନି (ଓଡିଆ), ନିଶାଦ୍ରବ୍ୟ କାରବାରର ଅଭିଯୁକ୍ତ ଆଶିକ ରସୁଲ ଖାନ ବିବିଏରେ ନାମ ଲେଖାଇ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ଚାରକାନ୍ଥ ଭିତରେ ଥିବା ଅନ୍ତେବାସୀଙ୍କୁ ଏହିଭଳି ସୁଯୋଗ ଦେଉଥିବାରୁ ଜେଲ କର୍ତ୍ତୃପକ୍ଷ ପ୍ରଶଂସା ସାଉଁଟିଛନ୍ତି।

**ଅଶ୍ଳୀଳ ଭିଡିଓ ଉଠାଇ ବ୍ଲାକ୍‌ମେଲ୍ କରୁଥିଲା**

## ଫଟୋ ମାଗିବାରୁ ଛାତ ଉପରୁ ଠେଲିଦେଲା

**ବଲାଙ୍ଗିର/ମହିମୁଣ୍ଡା, ୧୫।୩(ସମିସ):** ମହିଳାଙ୍କ ଅଶ୍ଳୀଳ ଭିଡିଓ କରି ବ୍ଲାକମେଲ କରୁଥିଲା ଯୁବକ। ସେମାନଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲା। ଏନେଇ କଷାବାହାଲ ଗ୍ରାମର ସୁରେଶଚନ୍ଦ୍ର ସାହୁ ପୁଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଓଡିଆପାଲି ଗାଁର ବାଦଲ ପଟ୍ଟନାୟକ ମହିଳାଙ୍କ ଗାଧୋଇବା, ପରିସ୍ରା କରିବା ସମୟର ଭିଡିଓ ଉତ୍ତୋଳନ କରି ସେମାନଙ୍କୁ ବ୍ଲାକମେଲ କରୁଥିଲା। ସୁରେଶଙ୍କ ସ୍ତ୍ରୀ ମଧ୍ୟ ବାଦଲର ବ୍ଲାକ୍‌ମେଲର ଶିକାର ହୋଇଥିଲେ। ପରେ ସେ ବାଦଲକୁ ଡାକି ମୋବାଇଲରେ ଅନେକ ମହିଳାଙ୍କ ଏଭଳି ଭିଡିଓ ଦେଖିଥିଲେ। ସେହି ଭିଡିଓ ସବୁକୁ ଡିଲିଟ କରିବାକୁ ମୋବାଇଲ ମାଗିଥିଲେ; କିନ୍ତୁ ବାଦଲ ତାଙ୍କୁ ଛାତ ଉପରୁ ଠେଲି ଦେଇ ଫେରାର ମାରିଥିଲା। ଛାତ ଉପରୁ ପଡ଼ି ସୁରେଶଙ୍କ ଗୋଡ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସେ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ପୁଇଁତଲା ଥାନାକୁ ଆସି ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଶ୍ଳୀଳ ଭିଡିଓ ଉତ୍ତୋଳନ କରି ବ୍ଲାକମେଲ କରୁଥିବା ବାଦଲ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଚୋରି କରି ଧରାପଡ଼ିଲା ନାବାଳକ

**ତୁଷୁରା, ୧୫।୩ (ସମିସ):** ତୁଷୁରା ଥାନା ଅନ୍ତର୍ଗତ ବନ୍ଧପାଲି ସରକାରୀ ହାଇସ୍କୁଲର ସିସିଟିଭି କ୍ୟାମେରା ଓ ୟୁରିନାଲରେ ଲାଗିଥିବା ପାଣି ଟ୍ୟାପ କେହି ଚୋରିକରି ନେଇଛି ବୋଲି ଗତକାଲି ତୁଷୁରା ଥାନାରେ ବନ୍ଧପାଲି ସ୍କୁଲ କମିଟି ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା। ତୁଷୁରା ପୁଲିସ ପକ୍ଷରୁ ତଦନ୍ତ କରାଯାଇ ଏହି ମାମଲାରେ ଜଣେ ନାବାଳକକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ପୁଲିସ ବନ୍ଧପାଲି ହାଇସ୍କୁଲକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଉକ୍ତ ଗ୍ରାମର ଜଣେ ନାବାଳକ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ନାବାଳକ ଅଭିଯୋଗକୁ ସ୍ୱୀକାର କରିଥିଲା ବେଳେ ଏହାମଧ୍ୟରେ କୋର୍ଟରୁ ତା'ର ଜାମିନ ନାମଞ୍ଜୁର ହୋଇଯାଇଛି।

**କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ଠେଲକୋମୁଣ୍ଡା ଚାମ୍ପିଅନ୍

**କୋକସରା, ୧୫।୩ (ସମିସ):** କୋକସରା ବ୍ଲକ ରଏନଗୁଡାରେ ଚାଲିଥିବା ମା' ପଞ୍ଚମୁଖୀ କାଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ରଏନଗୁଡାକୁ ହରାଇ ଠେଲକୋମୁଣ୍ଡା ଚାମ୍ପିଅନ ହୋଇଛି। ଠେଲକୋମୁଣ୍ଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରେ ୯ ୱିକେଟରେ ୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ ରଏନଗୁଡା ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଥିଲେ। ୯ ରନରେ ଠେଲକୋମୁଣ୍ଡା ଟିମ୍ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଅମ୍ପିଆର ଭାବେ ସୀତାରାମ କାଣ୍ଡ ଓ ହେମନ୍ତ ନାଏକ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ପୁରୁଷୋତ୍ତମ ରାଉତ ରହିଥିବାବେଳେ ମନୋଜ ସୁନା ଓ ପିଣ୍ଟୁ ନାଗ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।



ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଘନଶ୍ୟାମ ଅଗ୍ରୱାଲ ମୁଖ୍ୟ ଅତିଥି, ବଡପୋଡାଗୁଡା ନାଏବ ସରପଞ୍ଚ ବିଦ୍ରୁ ନାଏକ ମୁଖ୍ୟବକ୍ତା, ସାମ୍ବାଦିକ ଗଣେଶ ଭାଟି, ଦେବି ଚନ୍ଦ୍ର ନାଏକ, କମଲୁ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥିମାନଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଟିମକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଠେଲକୋମୁଣ୍ଡା ଟିମ୍‌ର ପଙ୍କଜ କର ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ରଏନଗୁଡା କ୍ରିକେଟ ଟିମ୍ ହିମାଂଶୁ ଭାଟି ବିବେଚିତ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ଶେଷଦେବ ମାଝୀ, ହିମାଂଶୁ ଭାଟି, ଚନ୍ଦନ ଭାଟି, ଗାଙ୍ଗୁଲି ଭାଟି, ବୈଷ୍ଣବ ସୁନା, ମାନିକ୍ୟା ସୁନା, ପୁସ୍ତମ ଚଣ୍ଡି, ଗମ୍ଭୀର ନାଏକ, ସଞ୍ଜୟ ନାଏକ ପରିଚାଳନାରେ ସହଯୋଗ କରିଥିଲେ।




## ସାମ୍ବାଦିକଙ୍କ ସୁରକ୍ଷା, ସାମାଜିକ ନିରାପତ୍ତା ଓ ପେନସନ ଦାବି

**ମ.ରାମପୁର, ୧୫।୩(ସମିସ):** ମ.ରାମପୁରରେ ସାମ୍ବାଦିକମାନେ ସୁରକ୍ଷା, ସାମାଜିକ ନିରାପତ୍ତା ଓ ପେନସନ ଦାବି କରିଛନ୍ତି। ପ୍ରଶାନ୍ତ ସାମନ୍ତରାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ସବ୍ୟସାଚୀ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉଦ୍ଧବ ପଣ୍ଡା, ଶୁଭେନ ପଟ୍ଟନାୟକ, ହେମନ୍ତ ସାହୁ, ନିରଞ୍ଜନ ମହାରଣା, ମର୍ଦ୍ଦରାଜ ସ୍ୱାଇଁ, ପୟଧର ସାହୁ, ଜଗତ ରାମ ସାହୁ, ରାମେଶ୍ୱର ପ୍ରସାଦ ସାହୁ, ପ୍ରଶାନ୍ତ ସାହୁ, ପଦ୍ମନାଭ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



## କଳା ବ୍ୟାଜ୍ ପିନ୍ଧିଲେ ସାମ୍ବାଦିକ

**ଲାଞ୍ଜିଗଡ଼, ୧୫।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ଲାଞ୍ଜିଗଡ଼ ପ୍ରେସ୍ କ୍ଲବ୍ ଓ ପିଇଡବ୍ଲ୍ୟୁ ମିଡ଼ିଆ ଏସୋସିଏସନ ପକ୍ଷରୁ ସାମ୍ବାଦିକମାନେ ବିଭିନ୍ନ ଦାବିରେ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛନ୍ତି। ଏହାସହିତ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ କୈଳାସ ସାହୁ, ଓୟୁଜେର ଜିଲ୍ଲା ସମ୍ପାଦକ ସୁଶୀଲ ବାଗ, ସନ୍ତୋଷ ତୁଳ, କ୍ଷମାନିଧି ମହାଖୁଡ଼, ପରେଶ କୁମାର ନାୟକ, ଗୋପାଳଦାସ ମହାନନ୍ଦ, ନୀଲେଶ ନାଗ, ଏମ. ଚନ୍ଦ୍ରଶେଖର, ତୁଳସୀରାମ ପ୍ରଧାନୀ, ରମେଶ ନାୟକ, ଧର୍ମେନ୍ଦ୍ର ପଣ୍ଡା, ମଳୟ ବେନୁଆଁ, ମନୋଜ ଦୋରା, ସୁଶାନ୍ତ ମାଝୀ, ଦିଲୀପ ପଟ୍ଟନାୟକ, ପ୍ରଭୁରଞ୍ଜନ ସାମଲ, ଦେବାଶିଷରଞ୍ଜନ ବିଶି, ଦିଲୀପ ନାଏକ, ସାଗର ବେନାଲ, ଦେବାନନ୍ଦ ମାଝୀ, ଆଶୁତୋଷ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



# ଏ ବର୍ଷ ୪୯ଟି ସ୍ଥାନରେ ଲାଗିଛି ଜଙ୍ଗଲ ନିଆଁ

**ଏସ୍‌ଏନ୍‌ପିପି ଓ ମୋଡିସ୍ ସାଟେଲାଇଟ୍ ନିରୀକ୍ଷଣ**

**ବନବିଭାଗର ସଚେତନତା, ତ୍ୱରିତ କାର୍ଯ୍ୟାନୁଷ୍ଠାନ**

**ବଲାଙ୍ଗିର, ୧୫।୩(ସମିସ)**

ବଲାଙ୍ଗିର ଜିଲ୍ଲାରେ ଜଙ୍ଗଲ ନିଆଁ ବନବିଭାଗ ପାଇଁ ସବୁବେଳେ ଏକ ବଡ ସମସ୍ୟା ହୋଇ ରହିଆସିଛି। ବିଗତ ବର୍ଷରେ ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଅନେକ ଉଦ୍ୟମ କରାଯାଇଛି। ତ୍ୱରିତ ନିଆଁ ଲିଭାଇବା ବ୍ୟବସ୍ଥା, ଫାୟାର ଲାଇନ ସୃଷ୍ଟି କରିବା ସହ ସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ଯାହାର ସଫଳତା ବନ ବିଭାଗକୁ ମିଳିବା ସଙ୍ଗେ ସଙ୍ଗେ ଚଳିତବର୍ଷ ଜଙ୍ଗଲ ନିଆଁ କିଛି ପରିମାଣରେ ହ୍ରାସ ପାଇଛି। ଅତ୍ୟାଧୁନିକ ଏସଏନପିପି ଓ ମୋଡିସ ସାଟେଲାଇଟ ସାହାଯ୍ୟରେ ଜଙ୍ଗଲ ନିଆଁକୁ ଶୀଘ୍ର ଠାବ କରାଯିବା ସମ୍ପୃକ୍ତ ଡିଭିଜନ, ବନାଞ୍ଚଳ ଅଧିକାରୀଙ୍କୁ ସୂଚନା ପ୍ରଦାନ କରାଯାଉଛି; ଯାହାଫଳରେ ସେଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଇପାରୁଛି।

ବଲାଙ୍ଗିର ବନଖଣ୍ଡରେ ସୁବିସ୍ତୀର୍ଣ୍ଣ ଘଞ୍ଚ ଜଙ୍ଗଲ ରହିଛି। ଗାଇଖାଇ, ମହଦାସୁନି, ପାଟି, ହାତୀଖୋଜ, ବାରପାହାଡ, ରମାଇ, ମଠଖାଇ ଭଳି ଅନେକ ବଡ ବଡ ସଂରକ୍ଷିତ ଜଙ୍ଗଲ ରହିଥିବା ବେଳେ ବହୁ ମୂଲ୍ୟବାନ ଗଛ ରହିଛି। ଏହି ଜଙ୍ଗଲରେ ହାତୀ, ବାରହା, କଲରାପତରିଆ ଭଳି ବନ୍ୟଜନ୍ତୁମାନେ ମଧ୍ୟ ରହିଛନ୍ତି।

ସୂଚନା ଅନୁସାରେ, ଏହି ବନଖଣ୍ଡରେ ପ୍ରାୟ ୧୧୧୦ ବର୍ଗ କିଲୋମିଟର ବ୍ୟାପୀ ଜଙ୍ଗଲ ରହିଛି। ଏଥିରେ ୧୦୯ଟି ସଂରକ୍ଷିତ ଏବଂ ୪ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ରହିଛି। ବର୍ତ୍ତମାନ ଏହି ଜଙ୍ଗଲ ଏବଂ ଜଙ୍ଗଲକୁ ଲାଗି ରହିଥିବା ପାହାଡ ସବୁ ହୁ ହୁ ହୋଇ ଜଳିବା ଆରମ୍ଭ ହୋଇଛି। ଏହି ନିଆଁରେ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ ସବୁ ପୋଡ଼ି ନଷ୍ଟ ହେବା ସହ ନିଆଁ ଝାସରେ ଆସି ବନ୍ୟଜନ୍ତୁ ପ୍ରଭାବିତ ହେଉଛନ୍ତି। ଜଙ୍ଗଲରେ ଥିବା ମୁଖ୍ୟତଃ ମହୁଲ, କେନ୍ଦୁ, ଶାଗୁଆନ, ଶାଳ ଭଳି ଭିନ୍ନ ଭିନ୍ନ ପ୍ରଜାତିର ଗଛ ସବୁ ରହିଛି। ବସନ୍ତର ପତ୍ରଝଡା ସମୟରେ ଜଙ୍ଗଲରେ ଶୁଖିଲା ପତ୍ର ଭରିଯାଇଥାଏ। ତେବେ ମହୁଲ ଗୋଟାଇବା ପୂର୍ବରୁ ମହୁଲ ଗୋଟାଳିମାନେ ଗଛ ଚାରିପାଖକୁ ସଫା କରିବା ପାଇଁ ନିଆଁ ଲଗାଇଦେଇଥାନ୍ତି। ପରେ ତାକୁ ଲିଭାନ୍ତି ନାହିଁ। ସେହିପରି କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ଜଙ୍ଗଲରେ ଥିବା କେନ୍ଦୁଗୁଛାକୁ ସଫା କରାଯାଇଥାଏ। ଏହି ସମୟରେ ମଧ୍ୟ ଗୁଛା କଟାଳିମାନେ ନିଆଁ ଲଗାଇଦେଇଥାନ୍ତି। ଯାହାକି ଜଙ୍ଗଲରେ ଲାଗୁଥିବା ନିଆଁର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଲୋକେ ଅଭିଯୋଗ କରିଛନ୍ତି। ନିଆଁ ଲାଗିବାର ଆଉ ଏକ କାରଣ ହେଉଛି ଜଙ୍ଗଲ ନିକଟରେ ଥିବା ଜମିରେ ଧାନ ଓ କପା ଚାଷ ପରେ ଲୋକେ ନିଆ ଲଗାଇଦେଇଥାନ୍ତି। ତାକୁ ଲିଭାଯାଉ ନଥିବାରୁ ଗ୍ରୀଷ୍ମର ଝାଞ୍ଜି ପବନରେ ନିଆଁ ଆହୁରି ବଢ଼ିଯାଇଥାଏ। ଜଙ୍ଗଲରେ ଲାଗୁଥିବା ନିଆଁକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଲୋକଙ୍କୁ ସଚେତନ କରିବାଠାରୁ ଆରମ୍ଭ କରି ନିଆଁ ଲିଭାଇବା ପର୍ଯ୍ୟନ୍ତ ବନ ବିଭାଗର କର୍ମଚାରୀମାନେ ନିଜ ଉଦ୍ୟମ ଜାରି ରଖିଛନ୍ତି। ସମୟ ବଦଳିବା ସହ ନିଆଁ ଲାଗିଥିବା ଜଙ୍ଗଲକୁ ଚିହ୍ନଟ କରିବା ପାଇଁ ଆଧୁନିକ ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି।



ଦୁଇଟି ସାଟେଲାଇଟ ଏସଏନପିପି ଓ ମୋଡସି ସାଟେଲାଇଟ ଦ୍ୱାରା ନିଆଁ ଲାଗିଥିବା ଅଞ୍ଚଳକୁ ଚିହ୍ନଟ କରାଯାଇ ଏବିଷୟରେ ସାଟେଲାଇଟ ବିଭାଗୀୟ ଅଧିକାରୀଙ୍କୁ ଆଲର୍ଟ କରିଥାଏ।

ଏହି ସାଟେଲାଇଟ ସୂଚନା ଅନୁସାରେ, ଚଳିତ ବର୍ଷ ଜାନୁୟାରୀ ୧ ତାରିଖରୁ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ୪୯ଟି ପଏଣ୍ଟରେ ନିଆଁ ଲାଗିଥିବା ଜଣାପଡ଼ିଛି। ଯାହାକି ପୂର୍ବବର୍ଷ ଠାରୁ କିଛି ପରିମାଣରେ ହ୍ରାସ ପାଇଥିବା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବବର୍ଷ ରେକର୍ଡ ଅନୁସାରେ, ଗତ ୨୦୧୨ରେ ୩୫ଟି ପଏଣ୍ଟ, ୨୦୧୪ରେ ୨୦ଟି ପଏଣ୍ଟ, ୨୦୧୬ରେ ୧୫ଟି ପଏଣ୍ଟ, ୨୦୧୭ରେ ୭୦୦ଟି ପଏଣ୍ଟ, ୨୦୧୮ରେ ୫୦୦ ପଏଣ୍ଟ, ୨୦୨୧ରେ ୧୪୦୬ ଟି ପଏଣ୍ଟ, ୨୦୨୨ରେ ୧୧୯୦ଟି ପଏଣ୍ଟ ଓ ୨୦୨୩ରେ ୪୯୩ଟି ପଏଣ୍ଟରେ ନିଆଁ ଲାଗିଥିଲା। ଯାହାକି ବନ ବିଭାଗ ପାଇଁ ବଡ ସମସ୍ୟା ସାଜିଥିବା ବେଳେ ତତକାଳିନ ଡିଏଫଓ ନୀତିଶ କୁମାରଙ୍କ ପ୍ରୟାସ ଯୋଗୁ ଏହା କିଛି ପରିମାଣରେ ହ୍ରାସ ପାଇଛି। ନିୟମିତ ସଚେତନତା, ଜଙ୍ଗଲ ନିଆଁ ନିୟନ୍ତ୍ରଣ ବ୍ୟବସ୍ଥାର ସୁପରିଚାଳନା ଯୋଗୁ ଏହା ସମ୍ଭବ ହୋଇଛି।

ତେବେ, ଆଗକୁ ଜଙ୍ଗଲରେ ନିଆଁ ଲାଗିବାର ସମୟ ରହିଛି। ଏହି ସଂଖ୍ୟା ଯଦିଓ ହ୍ରାସ ପାଇଛି କିନ୍ତୁ ବନ ବିଭାଗ ଏହାକୁ ଅବହେଳା ପ୍ରଦର୍ଶନ କଲେ ଏହା ବଢ଼ିବାକୁ ସମୟ ଲାଗିବ ନାହିଁ। ଯାହାକୁ ଦୃଷ୍ଟିରେ ରଖି ବନ ବିଭାଗ ସଜାଗ ରହିବା ସହ ଆବଶ୍ୟକ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏନେଇ ଏସିଏଫ ଜୀତେନ୍ଦ୍ର ସାହୁଙ୍କ କହିବାନୁସାରେ, ବନ ବିଭାଗ ଜଙ୍ଗଲ ନିଆଁ ନିୟନ୍ତ୍ରଣକୁ ପ୍ରାଥମିକତା ଦେଉଛି। ଏଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

# ନାବାଳିକାଙ୍କୁ ଅପହରଣ କରି ଯୁବକ ଜେଲ୍ ଗଲେ

**ଲହୁଣୀପଡ଼ା, ୧୫।୩(ସମିସ):** ଲହୁଣୀପଡ଼ା ବ୍ଲକ ମହୁଲପଦା ପଞ୍ଚାୟତ ଅଞ୍ଚଳରେ ଜୈନିକା ନାବାଳିକାକୁ ଅପହରଣ କରି ନେଇଥିବା ଯୁବକକୁ ପୁଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ରୁ ପ୍ରକାଶ ଯେ ମହୁଲ ପଦା ପଞ୍ଚାୟତ ଅଞ୍ଚଳରେ ରହି କାମ କରୁଥିବା ଏମଡି ସଦିକ ଅଲ୍ଲୀ ଖାନ ସେହି ଅଞ୍ଚଳର ଜୈନିକା ନାବାଳିକାକୁ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଯାଇଥିବା ନାବାଳିକା ପରିବାର ପକ୍ଷରୁ ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହିତ ଗତକାଲି ଗିରଫ କରି ପଚରାଉଚରା କରିବା ସହିତ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଘରୁ ଲାପଟପ୍ ଚୋରି

**ରାଉରକେଲା, ୧୫।୩(ସମିସ):** ସେକ୍ଟର -୪ ଅଞ୍ଚଳର ଏକ ଘରୁ ଲାପଟପ୍ ଚୋରି ହୋଇଥିବା ନେଇ ସେକ୍ଟର-୩ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ଉକ୍ତ ସେକ୍ଟରର ଏ/୧୦୪ ଘରେ ଅଜିତ କୁମାର ଦାସ ପରିବାର ସହ ରୁହନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରୁ ୨ଟା ମଧ୍ୟରେ ପରିବାର ସଦସ୍ୟ ଘର କାମରେ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃର୍ତ୍ତମାନେ ତାଙ୍କ ଘରୁ ଏକ ଲାପଟପ୍ ଚୋରି କରି ଫେରାର ହୋଇଯାଇଛନ୍ତି।

# ନିଖୋଜ ଛାତ୍ରୀ ମନୋହରପୁରରୁ ଉଦ୍ଧାର

**ରାଉରକେଲା, ୧୫।୩(ସମିସ):** ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ହାଟିଙ୍ଗଟୋଲା ଅଞ୍ଚଳରୁ ନିଖୋଜ ନାବାଳିକା ଛାତ୍ରୀକୁ ପୁଲିସ ଝାଡ଼ଖଣ୍ଡର ମନୋହରପୁରରୁ ଉଦ୍ଧାର କରିଥିବା ଜଣାପଡ଼ିଛି। ପାରିବାରିକ ଅଶାନ୍ତି କାରଣରୁ ନାବାଳିକା ଜଣଙ୍କ ଘରୁ ଚାଲିଯାଇ ମନୋହରପୁରସ୍ଥିତ ତାର ମାମୁଁ ଘରକୁ ଯାଇଥିଲା ବୋଲି ସୂଚନା ମିଳିଛି।

# ଆଇଜିଏଚ୍‌ରେ ବିଶ୍ୱ କିଡନୀ ଦିବସ ପାଳିତ



**ରାଉରକେଲା, ୧୫।୩(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପରିଚାଳିତ ଆଇଜିଏଚ୍ ର ଆର୍ଟିଫିସିଆଲ୍ କିଡନୀ ୟୁନିଟ୍ ଡିପାର୍ଟମେଣ୍ଟ୍‌ରେ ବିଶ୍ୱ ବୃକକ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କିଡନୀ ରୋଗୀଙ୍କ ପାଇଁ ବର୍ତ୍ତମାନର ପରିସ୍ଥିତିରେ ଚିକିତ୍ସାର ସମ୍ଭାବନା ବିଷୟରେ ଜାଣିବା ପାଇଁ ଏକ ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଏମଓ ଡକ୍ଟର ଏ ପି ସାହୁ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ କିଡନୀ ରୋଗୀ ଅଂଶଗ୍ରହଣ କରି କିଡନୀ ରୋଗ ବିଷୟରେ ଅବଗତ ହୋଇଥିଲେ। ପ୍ରତିବର୍ଷ ମାର୍ଚ୍ଚ ୨ ତାରିଖକୁ ବିଶ୍ୱ କିଡନୀ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଏହା ମାର୍ଚ୍ଚ ୧୪ ତାରିଖରେ ପାଳନ କରାଯାଉଛି। ପ୍ରଥମ ଥର ପାଇଁ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ପାଳିତ ଏହି ବିଶ୍ୱ କିଡନୀ ଦିବସରେ ସିଏମଓ ଡକ୍ଟର ଏଲ ଆର ବିଶ୍ୱାଳ, ଡକ୍ଟର ଜୟନ୍ତ ଆଚାର୍ଯ୍ୟ ଏବଂ ଅତିରିକ୍ତ ସିଏମଓ ଡକ୍ଟର କେ ହେମ୍ବ୍ରମ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କିଡନୀ ରୋଗର କାରଣ ଏବଂ ଏହାର ଭୟାବହତା ବିଷୟରେ ମତବ୍ୟକ୍ତ କରିଥିଲେ। ନେଫ୍ରୋଲୋଜିଷ୍ଟ ଡକ୍ଟର ସରୋଜ ରାଉତ ବିଶ୍ୱ କିଡନୀ ଦିବସ ପାଳନର ଆଭିମୁଖ୍ୟ ଉପସ୍ଥାପନ କରିବା ସହ କିଡନୀ ରୋଗର ଚିକିତ୍ସାର ସମ୍ଭାବନା ଏବଂ ଚିକିତ୍ସାର ଭବିଷ୍ୟତ ବିଷୟରେ ସୂଚନା ଦେଇଥିଲେ। ସିଷ୍ଟର ଅନୀତା ରାୟ ଡାଏଲିସିସ୍ ସମୟରେ ରୋଗୀ ସେବା ବିଷୟରେ, ତାପସ ଦେ ଏବଂ ରାଜେଶ ଘଡେଇ ଡାଏଲିସିସ୍ ମେସିନ୍ ବିଷୟରେ ଆଲୋଚନା କରିଥିଲେ। ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଡାଏଲିସିସ୍ ଏବଂ ଟ୍ରାନ୍ସପ୍ଲାଣ୍ଟ ରୋଗୀମାନେ ଚିକିତ୍ସା ପୂର୍ବରୁ ଏବଂ ପରେ ସେମାନଙ୍କର ଅନୁଭୂତି ବାଣ୍ଟିଥିଲେ। ଏହି ଉତ୍ସବରେ ଡକ୍ଟର ରିତୁ ସରକାର ସଂଯୋଜନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଇଜିଏଚ୍ ର ଆର୍ଟିଫିସିଆଲ୍ କିଡନୀ ୟୁନିଟ୍ ମାର୍ଚ୍ଚ ୧୯୮୫ ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଓଡ଼ିଶାର ଅନ୍ୟତମ ପୁରାତନ ଡାଏଲିସିସ୍ କେନ୍ଦ୍ର ଏବଂ ଏହା ପଶ୍ଚିମ ଓଡ଼ିଶା ଏବଂ ନିକଟ ଝାଡଖଣ୍ଡ ଏବଂ ଛତିଶଗଡ଼କୁ ସେବା ଯୋଗାଇଥାଏ। ୨୦୨୧ ମସିହାରେ ନୂଆଦିଲ୍ଲୀ, ନ୍ୟାସନାଲ ବୋର୍ଡରୁ ନେଫ୍ରୋଲୋଜିରେ ଅଧ୍ୟୟନ ଶେଷ କରିବା ପରେ ଡକ୍ଟର ସରୋଜ ରାଉତ କିଡନୀ ୟୁନିଟରେ ଯୋଗ ଦେଇଛନ୍ତି। ସେ ସଫଳତାର ସହ କିଡନୀ ବାୟୋପସି କରିଥିଲେ ଯାହା ପଶ୍ଚିମ ଓଡ଼ିଶା ଏବଂ ଟନେଲ କ୍ୟାଥେରରେ ପ୍ରଥମ ଘଟଣା। ସମ୍ପ୍ରତି ଆଇଜିଏଚ୍ ହେଉଛି ଓଡ଼ିଶାର ଏକମାତ୍ର ହସ୍ପିଟାଲ୍ ଯାହାକି ଏହାର ରୋଗୀଙ୍କୁ ହୋମ୍ ଡାଏଲିସିସ୍ ପ୍ରଦାନ କରିଥାଏ।

# ସେଲ୍ ରାଉରକେଲା ଓ ମେସର୍ସ ଏମ୍-ଜଙ୍କ୍‌ସନ୍ ମଧ୍ୟରେ ସେବାସ୍ତରୀୟ ଚୁକ୍ତିନାମା ସ୍ୱାକ୍ଷରିତ

**ରାଉରକେଲା, ୧୫।୩(ସମିସ)**



ସେଲ୍ ରାଉରକେଲା ଇସ୍ପାତ କାରଖାନା ୨୦ ଲକ୍ଷ ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ଏଣ୍ଡ-ଟୁ-ଏଣ୍ଡ କ୍ରୟ ପାଇଁ ସେବା ଯୋଗାଇ ଦେବା ପ୍ରୟାସରେ ମେସର୍ସ ଏମ-ଜଙ୍କସନ ସର୍ଭିସେସ ଲିମିଟେଡ ସହିତ ଏକ ସେବାସ୍ତରୀୟ ଚୁକ୍ତିନାମା ମାର୍ଚ୍ଚ ୧୩ ତାରିଖ ଦିନ ସ୍ୱାକ୍ଷରିତ କରିଛି। ରାଉରକେଲା ଇସ୍ପାତ କାରଖାନା ଏମ-ଜଙ୍କସନର ପାରଦର୍ଶିତା ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ସମାଧାନ ଗୁଡ଼ିକୁ ବ୍ୟବହାର କରି ଅଧିକ ଦକ୍ଷତା, ବ୍ୟୟ ପ୍ରଭାବଶାଳୀ ଏବଂ ଗ୍ରାହକ ସନ୍ତୁଷ୍ଟି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସାମଗ୍ରୀ ପରିଚାଳନା ବିଭାଗର ସମ୍ମେଳନ କକ୍ଷଠାରେ ଆୟୋଜିତ ଏକ ଉତ୍ସବରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଆର୍‌ଏସ୍‌ପି ପକ୍ଷରୁ ଚୁକ୍ତିନାମା ସ୍ୱାକ୍ଷର କରିଥିବା ବେଳେ ଏମ-ଜଙ୍କସନର ମୁଖ୍ୟ ଇଏଏମ୍, ସେଲ୍‌ଫ ଏବଂ ସିଆଇଏଲ୍ ସୁମନ ମଲ୍ଲିକ ଏଥିରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଏସ୍‌ଏମ୍ ପର୍ଚେଜ ବିଭାଗର ସିଜିଏମ୍ ଅନୀଲ କୁମାର, ଜିଏମ୍ ଇନଚାର୍ଯ କେ.ଏସ. ଭିର୍ଦି, ଜିଏମ୍ ଏସ. ଶ୍ରୀନିବାସନ, ଜିଏମ୍ ଆଲୋକ ବେହେରା. ଡିଜିଏମ୍ ମନିଷ ଦାସ, ଡେପୁଟି ମ୍ୟାନେଜର ଏସ.କେ ପାଠୀ, ଡେପୁଟି ହେଡ ଇ.ଏ.ଏମ୍-ଏମ୍ ଜଙ୍କସନ ଅରିଜିତ ଘୋଷ ଏବଂ ଏମଏସ୍‌ଏସ୍ ଏମ୍-ଜଙ୍କସନର ଗ୍ରୁପ ମ୍ୟାନେଜର ଦିଲ୍ଲୀପ କର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଚୁକ୍ତିନାମା, ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏଣ୍ଡ-ଟୁ-ଏଣ୍ଡ କ୍ରୟ ସେବା ପାଇଁ ମାର୍ଗ ପ୍ରଶସ୍ତ କରିଅଛି ଓ ଏହି କାର୍ଯ୍ୟକୁ ସୁବ୍ୟବସ୍ଥିତ ଏବଂ ସଂସାଧନ ଆବଣ୍ଟନକୁ ଅନୁକୂଳ କରିବାରେ ଏହା ବେଶ୍ ସହାୟକ ହେବ। ଏହି ସେବାସ୍ତରୀୟ ଚୁକ୍ତିନାମା, ପିଆର-ପିଓ ସୀମା ସମୟକୁ ଯଥେଷ୍ଟ ହ୍ରାସ କରିବ ବୋଲି ଆଶା କରାଯାଏ ଯାହାଦ୍ୱାରା ସମ୍ବଳ ଉପଯୋଗ ଅନୁକୂଳ ହେବ ଏବଂ ଆର୍‌ଏସ୍‌ପିର କାର୍ଯ୍ୟକ୍ଷମ ଉତ୍କର୍ଷତା ବଜାୟ ରଖିବା ପାଇଁ ଆବଶ୍ୟକ ସାମଗ୍ରୀର ଉଚିତ୍ ସମୟରେ ଯୋଗାଣ ସୁନିଶ୍ଚିତ ହୋଇପାରିବ।

# ଆର୍‌ଏସ୍‌ପିର ଆର୍‌ଏଚ୍-ଓବି ସ୍ନର୍କେଲ୍ ଲାଇଫରେ ନୂତନ ରେକର୍ଡ

**ରାଉରକେଲା, ୧୫।୩(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ନିକଟରେ ସର୍ବାଧିକ ୩୫୦ ଟନ୍ ଟର୍ପେଡୋ ଲାଡେଲ ଲାଇଫ ରେକର୍ଡ ହାସଲ କରିବାର ଏକ ସପ୍ତାହ ପରେ ଆରଏଚ-ଓବି ସ୍ନର୍କେଲ ଲାଇଫ କ୍ଷେତ୍ରରେ ଆଉ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଆରଏସପି ମାର୍ଚ୍ଚ ୧୩ ତାରିଖରେ ୧୯୬ ହିଟ୍ ର ଏକ ନୂତନ ସ୍ନର୍କେଲ ଲାଇଫ ରେକର୍ଡ ହାସଲ କରିଛି। ଯାହା ଭାରତର ସମସ୍ତ ଇସ୍ପାତ କାରଖାନା ମଧ୍ୟରେ ସମ ବର୍ଗରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଅଟେ। ଉଲ୍ଲେଖଯୋଗ୍ୟ, ଆରଏଚ-ଓବି ସ୍ନର୍କେଲଗୁଡ଼ିକ ସ୍ୱତନ୍ତ୍ର ଗ୍ରେଡ୍ କ୍ଲିନ୍ ଷ୍ଟିଲ୍ ଉତ୍ପାଦନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯାହା ପ୍ରତିରକ୍ଷା, ସ୍ପେସ୍ ଏବଂ ଡ୍ୟାମ୍ ଏବଂ ବ୍ରିଜ୍ ଭଳି ଭିତ୍ତିଭୂମି ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗରେ ବ୍ୟବହୃତ ହୋଇଥାଏ। ଏହି ଉପାଦାନଗୁଡ଼ିକର ରଣନୀତିକ ମହତ୍ତ୍ୱକୁ ଚିହ୍ନଟ କରି, ଆରଏସପିର ରିଫାକ୍ଟୋରିଜ ଇଞ୍ଜିନିୟରିଂ ସେବା ଏବଂ ଷ୍ଟିଲ ମେଲଟିଙ୍ଗ ସପ-୨ ବିଭାଗ ଦ୍ୱାରା ବିଭିନ୍ନ ଅଭିନବ କାର୍ଯ୍ୟ ପ୍ରଣାଳୀ ଅବଲମ୍ବନ କରି ସ୍ନର୍କେଲ ଦୀର୍ଘାୟୁତା ଏବଂ ବିଶ୍ୱସନୀୟତା ବୃଦ୍ଧି ପାଇଁ ଉଦ୍ୟମ କରାଯାଇଥିଲା। ଯାହାଦ୍ୱାରା ଆରଏସପି ଗୁଣାସକ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ନିଜର ଉତ୍ତମ କାର୍ଯ୍ୟଧାରାକୁ ବଜାୟ ରଖିବ। ଏହି ପ୍ରଣାଳୀଗୁଡ଼ିକର ଲାଇନ୍ ଢାଞ୍ଚାରେ ସଂଶୋଧନ ଏବଂ



ରକ୍ଷଣାବେକ୍ଷଣ ପ୍ରଣାଳୀ ଯେପରିକି ସ୍ଲାଗ୍-ଡିଫିଂ, ପ୍ରତ୍ୟେକ ହିଟ କନସେପ୍ଟ ପରେ ଗନିଙ୍ଗ, ହିଟିଙ୍ଗ ଚକ୍ରରେ ପରିବର୍ତ୍ତନ, ଅନଲାଇନ୍ ଯାଞ୍ଚ ଏବଂ ଥର୍ମୋଗ୍ରାଫି ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ। ସମ୍ଭାବ୍ୟ ବିପଦ କ୍ଷେତ୍ରଗୁଡ଼ିକ ଜାଣିବା ପାଇଁ ପ୍ରତ୍ୟେକ ହିଟ ପରେ ଶେଲର ଥର୍ମାଲ୍ ସ୍କାନିଂ ମଧ୍ୟ କରାଯାଉଛି। ଆହୁରି ମଧ୍ୟ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ତିନୋଟି ଭେସେଲରେ ଆରଏଚ-ଓବି ଉପର ଭେସେଲ ଲାଇଫରେ ଯଥେଷ୍ଟ ଉନ୍ନତିକରଣ କାର୍ଯ୍ୟ କରାଯାଇଛି। ଗୁଣାତ୍ମକ ଇସ୍ପାତ ଉତ୍ପାଦନ ପାଇଁ ବର୍ଦ୍ଧିତ ଲାଇଫ ଏବଂ ବିଶ୍ୱସନୀୟତା ସହିତ ଆରଏଚ-ଓବି ସ୍ନର୍କେଲରେ ଅଧିକ ଉନ୍ନତି ପାଇଁ ଆରଏସପିର ରିଫ୍ରାକ୍ଟୋରିଜ ଇଞ୍ଜିନିୟରିଂ ସେବା ଏବଂ ଷ୍ଟିଲ ମେଲଟିଙ୍ଗ ସପ-୨ ବିଭାଗ ମିଳିତ ଭାବେ ଉତ୍ତମ କାର୍ଯ୍ୟଧାରାକୁ ବଜାୟ ରଖିଛନ୍ତି।

# ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବଣାଇଁ, ୧୫।୩(ସମିସ):** ଚଳିତ ଶିକ୍ଷା ବର୍ଷରେ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଛାତ୍ର ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବଣାଇ ବ୍ଲକ ଅନ୍ତର୍ଗତ ଗୋଗୁଆ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଝସକେତନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଚିତାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ଦଣ୍ଡିଆ ଉପସ୍ଥିତ ରହି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ କ୍ଷୀରୋଦିନୀ ନାଏକ, ସୁବିସିନୀ ପଲେଇ, ଝରଣା କିସାନ, ଶୁଭପ୍ରୀୟା ଧରୁଆ, ହେମାମାଳିନୀ ସିଂ ଦଣ୍ଡପାଟ, ଅଙ୍କିତା ମଞ୍ଜରୀ ସାହୁ, ଦେବସ୍ମିତା ବଢେଇଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦେଇ ଉତ୍ସାହିତ କରିବା ସହିତ ଛାତ୍ର ଛାତ୍ରୀମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ।

# ବିପର୍ଯ୍ୟୟ ପ୍ରଶମନ ସଚେତନତା କାର୍ଯ୍ୟକ୍ରମ

**ବଣାଇଁ, ୧୫।୩(ସମିସ):** ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଗୋଗୁଆ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଣାଇ ଅଗ୍ନିଶମ ବିଭାଗ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଚିତାନନ୍ଦ ପ୍ରଧାନ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଝସକେତନ ପ୍ରଧାନ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବଣାଇ ଅଗ୍ନିଶମ ବିଭାଗ ଅଧିକାରୀ ସୁଜୟ ହେମ୍ବ୍ରମ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟର କାରଣ, ପ୍ରକାର ଓ ସାବଧାନତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲଳିତ ମୋହନ କିସାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦଣ୍ଡିଆ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସମସ୍ତ ସଭ୍ୟ, ସଭ୍ୟା, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରେବତୀ ମୋହନ ସାହୁ, ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବ୍ୟବସ୍ଥା ଘେରରେ ଶବଦାହ ଗୃହ

**ବଣାଇଁ, ୧୫।୩(ସମିସ):** ବଣାଇ ସହର ଦେଓଗାଁ ବ୍ରାହ୍ମଣୀ ନଦୀ କୂଳରେ ଥିବା ସର୍ବଧର୍ମ ଶ୍ମଶାନ ଘାଟଟି ଅବ୍ୟବସ୍ଥାରେ ଚାଲିଥିବା ବେଳେ କୌଣସି ପ୍ରକାରର ମୌଳିକ ସୁବିଧା ନ ପାଇ ଶବଦାହ ସମୟରେ ମୃତକଙ୍କ ପରିବାର ଓ ଜ୍ଞାତି କୁଟୁମ୍ବ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହିନ୍ଦୁଧର୍ମ ସମ୍ପ୍ରଦାୟର ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ଶବଦାହ ଗୃହ କୋଟି କୋଟି ଟଙ୍କା ବ୍ୟୟଅଟକଳରେ ଆଜକୁ ୩ ବର୍ଷ ପୂର୍ବରୁ ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଅଦ୍ୟାବଧି



ସମ୍ପୂର୍ଣ୍ଣ ହୋଇ ନ ଥିବା ଦେଖିବାକୁ ମିଳିଛି। ଗତ ତିନି ବର୍ଷ ତଳେ ଇସାରା ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡକୁ କାର୍ଯ୍ୟାଦେଶ ମିଳିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାର ଦିଲ୍ଲୀପ କୁମାର ପଟେଲ ନିର୍ମାଣ କାର୍ଯ୍ୟ କରୁଥିବା ଜଣାପଡ଼ିଛି। କୌଣସି ସ୍ଥାନରେ ଅଟକଳ ପରିମାଣ କିମ୍ବା କାର୍ଯ୍ୟର ଅବଧି ସମ୍ପର୍କରେ ସୂଚନା ଫଳକ ଲଗାଯାଇନାହିଁ। ଯାହାଫଳରେ ନିର୍ମାଣ କାର୍ଯ୍ୟ କେତେ କୋଟି ଟଙ୍କାରେ କରାଯାଉଛି ତାହା ଜନସାଧାରଣ ଜାଣି ପାରୁନାହାଁନ୍ତି। ତେବେ ଉକ୍ତ କାମକୁ ବର୍ତ୍ତମାନ କେନ୍ଦୁଝର ଜିଲ୍ଲାର ଅନ୍ୟ ଜଣେ ଠିକାଦାର ହାତକୁ ନେଇଥିବା ଜଣାପଡ଼ିଛି। ବିଦ୍ୟୁତ୍‌ଚାଳିତ ଶବଗୃହ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଏବେ ଘର ପଛପଟେ ଅସ୍ଥାୟୀ ଭାବେ ଶବଦାହ କରାଯାଉଛି। କିନ୍ତୁ ଶବ ଦାହ ପାଇଁ ତିଆରି ହୋଇଥିବା ଲୁହା ଫ୍ରେମଟି ଦୀର୍ଘ ଦିନ ହେବ ନିଆଁ ସଂସ୍ପର୍ଶରେ ଆସି ଦୁର୍ବଳ ହୋଇ ଯାଇଥିବା ବେଳେ ଶବଦାହ ସମୟରେ କେତେବେଳେ ଯେ ଭୁଷୁଡି ନ ପଡ଼ିବ କହି ହେଉନାହିଁ। ଶବଦାହ ପରେ ନିଆଁ ଲିଭାଇବାକୁ ଜଳର ଆବଶ୍ୟକ ଥିବା ବେଳେ ସେଠାରେ କୌଣସି ସୁବିଧା କରାଯାଇନାହିଁ। ପାନୀୟ ଜଳ, ବିଶ୍ରାମସ୍ଥଳ ସହ ଆଲୋକର ବ୍ୟବସ୍ଥା ନ ଥିବା ବେଳେ ରାତିରେ ଶବଦାହ କରିବାକୁ ଆସୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବିଭିନ୍ନ ଦାବି ନେଇ ସାମ୍ବାଦିକଙ୍କ କଳା ବ୍ୟାଜ୍ ପରିଧାନ



**ବଣାଇଁ, ୧୫।୩ (ସମିସ):** ଉତ୍କଳ ସାମ୍ବାଦିକ ସଂଘର ସୁନ୍ଦରଗଡ଼ ଜିଲ୍ଲା ଶାଖା ସଭାପତି ପ୍ରଦୀପ ତ୍ରିପାଠୀଙ୍କ ନେତୃତ୍ୱରେ ଗତ କାଲିଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକମାନେ ବିଭିନ୍ନ ଦାବି ନେଇ କଳା ବ୍ୟାଜ ପରିଧାନ କରିଥିବା ଜଣାପଡ଼ିଛି। ସାମ୍ବାଦିକମାନଙ୍କ ନ୍ୟାୟିକ ଦାବି ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସରକାର ଯଥୋଚିତ ଦାବିକୁ ଅଣଦେଖା କରିବା ଯୋଗୁଁ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ଠାରୁ ରାଜ୍ୟର ସମସ୍ତ କାର୍ଯ୍ୟରତ ସାମ୍ବାଦିକମାନେ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ ନିର୍ବାହ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ହିତାଧିକାରୀଙ୍କ ପିତାମାତାଙ୍କ ନାମ ପଞ୍ଜିକରଣ, ବୟସ୍କ ସାମ୍ବାଦିକଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ, ବ୍ଲକ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ, ରାଜ୍ୟରେ ପ୍ରେସ ଏକାଡେମୀ ଗଠନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଇତ୍ୟାଦି ୫ ଦଫା ଦାବି ନେଇ ସଂଘ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଏହାର କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

## ମାନବିକତା ପକ୍ଷରୁ 'ଭୂମିଷ୍ଠ ପ୍ରଣାମ' କାର୍ଯ୍ୟକ୍ରମ

# 'ବରିଷ୍ଠ ନାଗରିକ ହେଉଛନ୍ତି ଭବିଷ୍ୟତର ପୁଞ୍ଜି'

**ରାଉରକେଲା, ୧୫।୩(ସମିସ)**

ସାମାଜିକ ଅନୁଷ୍ଠାନ ମାନବିକତା ପରିବାର ପକ୍ଷରୁ ଭଞ୍ଜଭବନ ପ୍ରେକ୍ଷାଳୟରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ଅନନ୍ୟ କାର୍ଯ୍ୟକ୍ରମ 'ଭୂମିଷ୍ଠ ପ୍ରଣାମ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ। ଶୁକ୍ରବାର ଭଞ୍ଜଭବନ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ତଥା ସଂଗଠନର ଅଧ୍ୟକ୍ଷ ତଥା ରଘୁନାଥପାଲୀ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ଆମନ୍ତ୍ରଣ କରି ପୁଷ୍ପ ଚନ୍ଦନ ସହ ଉତ୍ତରୀୟ ଦେଇ ସମ୍ମାନ ପ୍ରଦର୍ଶନ ସହ ସସମ୍ମାନ ଆସନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଏହି ଅବସରରେ ଶ୍ରୀ ସେଠୀ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନଙ୍କର ଆର୍ଶୀବାଦ କାମନା କରିଥିଲେ। କାର୍ଯ୍ୟକ୍ରମ ସମ୍ବନ୍ଧରେ ଶ୍ରୀ ସେଠୀ ନିଜର ସ୍ୱାଗତ ଅଭିଭାଷଣ ରଖି କହିଲେ ବରିଷ୍ଠ ନାଗରିକମାନେ ହେଉଛନ୍ତି ଆମ ଭବିଷ୍ୟତର ପୁଞ୍ଜି। ସେମାନଙ୍କ ଆଦର୍ଶ, ପ୍ରେରଣା ତଥା ଆଶୀର୍ବାଦକୁ ପାଥେୟ କରି ଆମେ ଆମର ଭବିଷ୍ୟତର ଜୀବନପଥକୁ ସୁଗମ କରିଥାଉ। ସେଥିପାଇଁ ଆମେ ବରିଷ୍ଠ ଗୁରୁଜନମାନଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ ନିମନ୍ତେ ଆଣ୍ଠୁ ମାଡି ବସି ଦୁଇ ହାତକୁ ଭୂମିରେ ଲଗାଇ ମଥାକୁ ଭୂମିରେ ସ୍ପର୍ଶ କରି ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରିଥାଉ। ଗୁରୁଜନମାନଙ୍କ ହାତ ମୁଣ୍ଡରେ ଥିଲେ କେହି କେବେ ହାରି ନଥାଏ। ହେଲେ ଏହି ମହାନ୍ ପରମ୍ପରା ଏବେ କିଛି ମାତ୍ରାରେ ବିଲୋପ ପାଇବାକୁ ବସିଥିବା ବେଳେ ତାକୁ ଉଜ୍ଜୀବିତ କରିବା ନିମିତ୍ତ ମାନବିକତା ପକ୍ଷରୁ ଏପରି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ବୋଲି ଶ୍ରୀ ସେଠୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସେବାନିବୃତ୍ତ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲା ବେଳେ ଇସ୍ପାତ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର କୁମାର ଦାଶ ପ୍ରମୁଖ ସମ୍ମାନିତ ଯୋଗ ଦେଇ କାର୍ଯ୍ୟକ୍ରମ ବାବଦରେ ନିଜର ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପନା କରିବା ସହ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ସାମ୍ପ୍ରତିକ ସ୍ଥିତି ଓ ଆଗାମୀ ଦିନରେ ସେମାନଙ୍କର ଭୂମିକା ବାବଦରେ ଟିପ୍ପଣୀ ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ଉପଦେଶ ସର୍ବଦା ଆମର ପ୍ରଣିଧାନଯୋଗ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ ଆସ ବସ୍ତିକୁ ଯିବା, ଜନନୀ ସମ୍ପର୍କ ଅଭିଯାନ, ପଲ୍ଲୀ ଭ୍ରମଣ, ମାର୍କେଟ ପରିଦର୍ଶନ ସହ ଅଧିକାରୀଙ୍କୁ ସମସ୍ୟା ଜଣାଇ ସମାଧାନ ଆଦିର ଏକ ବୃତ୍ତଚିତ୍ର ଏଲଇଡି ସ୍କ୍ରିନ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସସ୍ମିତା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ସଫଳ ଆୟୋଜନରେ ବାବୁ ମହାନ୍ତି, ନିଲୁ ସେଠୀ, ସରୋଜ ନାୟକ, ତନ୍ମୟ ସେଠୀ, ସୀମାଞ୍ଚଳ ଖଣ୍ଡୁଆଳ, ବିଶ୍ୱ ରଞ୍ଜନ ରାଉତ, ଜିତେନ ମାଛଖଣ୍ଡ, ରାଜେଶ ମଣ୍ଡଳ, ପ୍ରତାପ କୁମାର, ସୌମ୍ୟ ମହାନ୍ତି, ସୋନୁ ସିଂ, ଦେବ ସେଠୀ, ମୁକେଶ ସିଂ, ସୌରଭ ଜେନା, ଦେବବ୍ରତ ନାୟକ, ବିକାଶ ବେହୁରା, ସୁବାଷ କଂସାରୀ, ପ୍ରତାପ ପଟ୍ଟନାୟକ, ଲକ୍ଷ୍ମୀପ୍ରୀୟା ଶତପଥୀ, ଚଞ୍ଚଳା ସାମଲ, ସସ୍ମିତା ଜେନା, ରଶ୍ମିତା ବାଗ୍, ପ୍ରଭାତୀ ସ୍ୱାଇଁ ଓ ମୀନ ପଶାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





# ମଧୁସୂଦନପାଲି ଛୁରାମାଡ଼ ଘଟଣାରେ ଫେରାର ଦୁଇ ଅଭିଯୁକ୍ତ ଗିରଫ

**ରାଉରକେଲା, ୧୫।୩(ସମିସ):** ଫେବୃଆରୀ ୯ ତାରିଖରେ ମଧୁସୂଦନପାଲିରେ ଘଟିଥିବା ଛୁରାମାଡ଼ ଘଟଣାରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ଆଉ ଦୁଇ ଜଣ ଫେରାର ଅଭିଯୁକ୍ତଙ୍କୁ ଶୁକ୍ରବାର ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବାରୁ ତାକୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାକୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ଗତ ଫେବୃଆରୀ ୯ ତାରିଖ ସନ୍ଧ୍ୟାରେ ସୁଜିତ ସାହୁର ଭାଇ ରଞ୍ଜିତ ସାହୁଙ୍କୁ ମଧୁସୂଦନପାଲି ନିବାସୀ ରାକେଶ ବାରିକ ଓ ୨ ନାବାଳକ ମଧୁସୂଦନପାଲି ନିକଟସ୍ଥ ଶିବ ମନ୍ଦିର ନିକଟକୁ କୌଣସି ଘଟଣା ବିଷୟରେ ଆଲୋଚନା ପାଇଁ ଡାକିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ହେବାପରେ ଯୁକ୍ତିତର୍କ ହୋଇ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଜଣେ ନାବାଳକ ଛୁରୀ ସାହାଯ୍ୟରେ ରଞ୍ଜିତକୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଘଟଣାରେ ରଞ୍ଜିତ ଚିତ୍କାର କରି ତଳେ ପଡ଼ିଯିବାରୁ ଅଭିଯୁକ୍ତ ୩ ଜଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ଆହତ ରଞ୍ଜିତ ସାହୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ରଞ୍ଜିତଙ୍କ ଭାଇ ସୁଜିତ ସାହୁ ଏହି ଘଟଣାରେ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଫେବୃଆରୀ ୧୦ ତାରିଖରେ ଏହି ଘଟଣାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଛୁରାମାଡ କରିଥିବା ନାବାଳକକୁ ଗିରଫ କରି ଜୁଭେଇନାଲ କୋର୍ଟରେ ହାଜର କରିବା ପରେ ତାକୁ ବାଳ ସୁରକ୍ଷା ଗୃହକୁ ପଠାଯାଇଥିଲା। ତେବେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। ଗତକାଲି ଗିରଫ ଅଭିଯୁକ୍ତ ଦ୍ୱୟ ଧରାପଡ଼ିବା ପରେ ପୁଲିସ ସେମାନଙ୍କୁ ଆଣି ସେମାନଙ୍କ ଆଧାର କାର୍ଡ ଯାଞ୍ଚ କରିବା ପରେ ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା ଜଣା ପଡ଼ିଥିଲା। ଫଳରେ ପୁଲିସ ଉକ୍ତ ନାବାଳକକୁ ଜୁଭେନାଇଲ କୋର୍ଟରେ ହାଜର କରିଥିଲା। ଏହାପରେ ତାକୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ଅନ୍ୟ ଅଭିଯୁକ୍ତ ସାବାଳକ ଥିବାରୁ ତାକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ମଧୁସୂଦନପାଲିର ରେଲୱେ ଇନଷ୍ଟିଚ୍ୟୁଟ ନିକଟରେ ରହୁଥିବା ରାକେଶ ବାରିକ ଓରଫ ସିଲୁ (୨୨)। ଉକ୍ତ ଘଟଣାରେ ଜୋନ୍ ୨ ଡିଏସପି ନିର୍ମଳ ମହାପାତ୍ର କହିଛନ୍ତି ଯେ ଦୁହିଁଙ୍କ ନାମରେ ଅଭିଯୋଗ ରହିଥିବାରୁ ଦୁହିଁଙ୍କୁ ଥାନାକୁ ଅଣାଯାଇ ତଦନ୍ତ କରିଥିଲା। ତଦନ୍ତ ପରେ ଜଣେ ନାବାଳକ ଓ ଅନ୍ୟ ଜଣେ ସାବାଳକ ବୋଲି ଜଣାପଡ଼ିଥିଲା।

# ପ୍ରଶାସନିକ ଅବହେଳା
# ଜାଗା ମିଶନରୁ ସୁଫଳ ପାଇଲେନି ୫୦୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ




ସୁନ୍ଦରଗଡ଼,୧୫।୩(ସମିସ)

ରାଜ୍ୟ ସରକାରଙ୍କର ଜାଗା ମିଶନ ଯୋଜନା ମାଧ୍ୟମରେ ବସ୍ତି ଅଞ୍ଚଳରେ ରହୁଥିବା ଭୂମିହୀନ ପରିବାରଙ୍କୁ ସରକାର ପଟ୍ଟା ପ୍ରଦାନ କରୁଛନ୍ତି। ମାତ୍ର ପ୍ରଶାସନିକ ଅବହେଳାରୁ ସୁନ୍ଦରଗଡ ପୌରାଞ୍ଚଳର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଜାଗା ମିଶନର ସୁଫଳ ପାଇ ନ ଥିବା ଅଭିଯୋଗ ହୋଇଛି।

୨୦୧୭ -୧୮ ବର୍ଷରୁ ସୁନ୍ଦରଗଡ ପୌରାଞ୍ଚଳର ୱାର୍ଡ଼ ନମ୍ବର ୧୫ ଓ ୧୬ର ବସ୍ତି ବାସିନ୍ଦାଙ୍କ ସର୍ଭେ ହୋଇ ସାରିଛି। ଏହାପରେ ସେମାନେ ଉଷା ସର୍ଭେ କାର୍ଡ ମଧ୍ୟ ପାଇ ସାରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କୁ ଘରଡିହ ପଟ୍ଟା ଦିଆ ଯାଇନାହିଁ। ପୁନଶ୍ଚ ଯେଉଁ ଯୋଗ୍ୟ ହିତାଧିକାରୀମାନେ ପଟ୍ଟା ପାଇବାରୁ ବଞ୍ଚିତ ଥିଲେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ତାଙ୍କୁ ସାମିଲ

## ମୁଖ୍ୟମନ୍ତ୍ରୀଙ୍କୁ ମାଗିଲେ ନ୍ୟାୟ

କରିବା ପାଇଁ ସୁଯୋଗ ଦିଆଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ପୌରପାଳିକା ଏବଂ ସଦର ତହସିଲ କର୍ତ୍ତୃପକ୍ଷ ମିଳିତ ସର୍ଭେ କରିଥିଲେ। ଉକ୍ତ ସର୍ଭେ ରିପୋର୍ଟକୁ ଗତ ବର୍ଷ ଡ଼ିସେମ୍ବର ୩୦ ତାରିଖ ସୁଦ୍ଧା ସରକାରଙ୍କ ପାଖରେ ଦାଖଲ କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲା। ପୌର ଏବଂ ତହସିଲ କର୍ତ୍ତୃପକ୍ଷ ଠିକ ସମୟରେ ରିପୋର୍ଟ ଦାଖଲ କରି ନ ଥିଲେ। ଏହି କାରଣରୁ ସୁନ୍ଦରଗଡ଼ ପୌରପାଳିକାର ପ୍ରାୟ ୫୦୦ ପରିବାର ଜାଗା ମିଶନ ଜରିଆରେ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟ ସ୍ଥାନ ତଥା ରାଜ୍ୟ ବାହାରୁ ଆସିଥିବା ଲୋକେ ଜମି ପଟ୍ଟା ହାତେଇଥିବା ବେଳେ ନିଜ ପୂର୍ବ ପୁରୁଷରୁ ସୁନ୍ଦରଗଡରେ ରହି ଆସୁଥିବା ଲୋକେ ଏଥିରୁ ବଞ୍ଚିତ ହୋଇଥିବାରୁ ସେମାନେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରୁଛନ୍ତି। ଏ ସ୍ଥିତିରେ ଶୁକ୍ରବାର ସ୍ଥାନୀୟ କାଉନସିଲର ତଥା ଜିଲ୍ଲା ଯୋଜନା କମିଟି ସଦସ୍ୟ ସୁମନ୍ତ ସାହୁଙ୍କ ନେତୃତ୍ୱରେ ସୁନ୍ଦରଗଡ ପୌରାଞ୍ଚଳର ୱାର୍ଡ଼ ନମ୍ବର ୧୫ ଓ ୧୬ର ବହୁ ଭୂମିହୀନ ପରିବାର ଜାଗା ମିଶନରେ ଘରଡିହ ପଟ୍ଟା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ୱାର୍ଡ଼ ନମ୍ବର ୧୫ କାଉନସିଲର ସୁଶୀଳା ନାଗଙ୍କ ସମେତ ବିଜୟ ଲାକ୍ରା, ସୁକୁନୁ କିସ୍ପୋଟା, ପ୍ରୀତି ଲାକ୍ରା, ସୁଲେମାନ ଲାକ୍ରା, ପ୍ରମିଳା ଲାକ୍ରା, ବିନୋଦ ଭେଙ୍ଗରା, ବିନିତା କିସ୍ପୋଟା, ଜୋସେଫିନ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏସ୍‌ଏସ୍ ପକ୍ଷରୁ 'ଯୁବ ସମ୍ବାଦ' କାର୍ଯ୍ୟକ୍ରମ

**କୁତ୍ରା,୧୫।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ଜାତୀୟ ସେବାସଂସ୍ଥା ଆନୁକୂଲ୍ୟରେ 'ଯୁବସମ୍ବାଦ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶକ ଭୁବନେଶ୍ୱର ଓ ଏନଏସଏସ ସେଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ହିରନ ଲୁଗୁନ ସଭାପତିତ୍ୱ କରି ପାଞ୍ଚଟି ଶପଥ କଥା କହି ଦିବସ ପାଳନର ତାତ୍ପର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କର ଜୀବନ ଦର୍ଶନ ଉପରେ ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ଭାବରେ ରାଉରକେଲା ଲ'କଲେଜ ଆଲୁମିନା ଆସୋସିଏସନର ସଭାପତି ଡ଼ଃ ସୁମନ ଦତ୍ତ ଯୋଗଦେଇ ଓଡ଼ିଆ ଭାଷା ଓ ସଂସ୍କୃତିକୁ ନେଇ ଏକ ବିକଶିତ ଭାରତର ସ୍ୱପ୍ନ ପ୍ରତ୍ୟେକ ଯୁବକ ଓ ଯୁବତୀ ଭିତରେ ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଯୁଥ ଆଇକନ ଭାବରେ ଜିଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଆଶ୍ରିତା ଟପ୍ପୋ ଯୁବ ବିକାଶ ଓ ପଞ୍ଚବିଧ ଧାରା ଉପରେ ନିଜସ୍ୱ ମତ ରଖିଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ନିରୁସ ଜେନନ ଏକ୍କା ନିଜ ଜନ୍ମମାଟି ପ୍ରତି ମମତା ଓ ବିକଶିତ ଭାରତର ସ୍ୱପ୍ନ କଥା ଉଲ୍ଲେଖ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାର ଜିଲ୍ଲା ଟ୍ରେଜେରୀ ଅଫିସର କନକଲତା ଏକ୍କା 'ଯୁବ ବିକାଶରେ ଭାରତର ବିକାଶ' ବୋଲି ଦୃଢୋକ୍ତି ପ୍ରକାଶ କରିଥିବା ବେଳେ ଅନ୍ୟତମ ଯୁଥ ଆଇକନ ରାଜଗାଙ୍ଗପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୂଜା ସାହୁ ନିଜ ଜୀବନର ସ୍ମୃତିରୁ କିଛି ଉଲ୍ଲେଖ କରି ଉଦ୍ୟମ ଓ କର୍ମଦ୍ୱାରା ଆମେ କେମିତି ଭଲ ମଣିଷ ହୋଇପାରିବା ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ପୁଲିସ କନଷ୍ଟେବଳ ଅଭିଳାଷ ମିଶ୍ର ଓ ରୁବି ସୁନ୍ୟାନୀ ଆଶା ଥିଲେ ଲକ୍ଷ ସ୍ଥଳରେ ପହଞ୍ଚିବେ ବୋଲି ମତ ରଖିଥିଲେ। ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ଯୁବଭାରତ-ବିକଶିତ ଭାରତ ଉପରେ ନିଜର ଲେଖା ଉପସ୍ଥାପନ କରିଥିବା ବେଳେ କୃତି ତିନି ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନଏସଏସ ପ୍ରୋଗ୍ରାମର ଅଫିସର ସରୋଜ କେର୍କେଟା ଓ ଅଞ୍ଜନା ସୁମନ ଏକ୍କା କାର୍ଯ୍ୟକ୍ରମ ପ୍ରସ୍ତୁତି କରିଥିବା ବେଳେ ଏନଏସଏସର ଉପଦେଷ୍ଟା ଡଃ ତବସୁମ ବାନୋ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସହଯୋଗ କରିଥିଲେ। ପ୍ରୋଗ୍ରାମର ଅଫିସର ସରୋଜ କେର୍କେଟା ଧନ୍ୟବାଦ ଅର୍ପଣ କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଏନଏସଏସ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।






# ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ ସଭ୍ୟଙ୍କୁ ଅଣଦେଖା ଅଭିଯୋଗ



**ସୁନ୍ଦରଗଡ,୧୫।୩(ସମିସ):** ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ ସଭ୍ୟଙ୍କୁ ଅଣଦେଖା କରାଯାଉଛି ବୋଲି ଅଲିଭା ଗ୍ରାମ ପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘ ଲେଫ୍ରିପଡା ଅଭିଯୋଗ କରିଛି। ରାଜ୍ୟ ସରକାର ସରପଞ୍ଚ ଏବଂ ନାଏବ ସରପଞ୍ଚମାନଙ୍କୁ ସମ୍ମାନ ସୂଚକ ଭତ୍ତା ବୃଦ୍ଧି କରିଛନ୍ତି। କିନ୍ତୁ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ପାତରଅନ୍ତର କରାଯାଇ ୨୪୦ଟଙ୍କାରୁ ମାତ୍ର ୪୮୦ ଟଙ୍କା ବୃଦ୍ଧି କରାଯାଇଛି। ଏ କ୍ରମରେ ସେମାନେ ଲେଫ୍ରିପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୨ ଦଫା ସମ୍ମିଳିତ ଦାବି ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟରେ ସରପଞ୍ଚମାନଙ୍କୁ ୱାର୍ଡ ସଭ୍ୟ ସଭ୍ୟାମାନେ ସମ୍ପୂର୍ଣ ସହଯୋଗ ନ କଲେ

## ବିଡିଓଙ୍କୁ ଦେଲେ ସ୍ମାରକପତ୍ର

ସରପଞ୍ଚମାନେ ପଞ୍ଚାୟତର ଦାୟିତ୍ୱ ତୁଲାଇ ପାରିବେ ନାହିଁ। ଏଥି ସହ ପଲ୍ଲୀ ସଭା ଓ ଗ୍ରାମସଭାରେ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମ ପଞ୍ଚାୟତର ମାସିକ ବୈଠକରେ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ନ ରହିଲେ ମାସିକ ବୈଠକ ହୋଇପାରିବ ନାହିଁ। ତେଣୁ ସେମାନଙ୍କୁ ସମ୍ମାନସୂଚକ ଭତ୍ତା ୪୮୦ ଟଙ୍କାରୁ ୩ ହଜାର ଟଙ୍କା ବୃଦ୍ଧି କରିବା, ୱାର୍ଡ଼ ସଭ୍ୟ ସଭ୍ୟାମାନଙ୍କ କାର୍ଯ୍ୟ ଅବଧି ସମୟରେ ମୃତ୍ୟୁ ହେଲେ ମୃତ୍ୟୁକାଳୀନ ସହାୟତା ପାଇଁ ୨ ଲକ୍ଷ ଟଙ୍କା ତାଙ୍କ ପରିବାରକୁ ଆର୍ôଥକ ସହାୟତା ଦିଆଯିବାକୁ ଦାବି ଜଣାଇଛନ୍ତି । ସଭାନେତ୍ରୀ ପ୍ରତିଭା ପଟେଲ ଓ ସମ୍ପାଦିକା ସୌଦାମିନୀ ଲାଲଙ୍କ ନେତୃତ୍ୱରେ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଅଘରିଆ ସମାଜ ତୃତୀୟ ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଦିବସ

# ଜାତିର ଉନ୍ନତି ଓ ସାମାଜିକ ସଙ୍ଗଠନ ଉପରେ ଗୁରୁତ୍ୱ





**ସୁନ୍ଦରଗଡ,୧୫।୩(ସମିସ):** ଟାଙ୍ଗରପାଲି ବ୍ଲକର ଗମ୍ଭାରିଡିହି ଗ୍ରାମରେ ଅଖିଳ ଭାରତୀୟ ଅଘରିଆ ସମାଜ ଗାଙ୍ଗପୁର ଅଞ୍ଚଳର ତୃତୀୟ ବାର୍ଷିକ ସମ୍ମିଳନୀ-୨୦୨୪ ଚାଲିଛି। ଉକ୍ତ ତିନିଦିନିଆ ସମ୍ମିଳନୀର ଦ୍ୱିତୀୟ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଭାପତି ପ୍ୟାରୀ ମୋହନ ପଟେଲଙ୍କ ପୌରହିତ୍ୟରେ ଭବ୍ୟ କଳସ ଯାତ୍ରା ଓ ପୂଜାର୍ଚ୍ଚନା କରା ଯାଇଥିଲା। ଆୟୋଜିତ ସାମାଜିକ ସଭାରେ ସମାଜର ନିର୍ବାଚନ ଅଧିକାରୀ ଦୁର୍ଗା ମାଧବ ପଟେଲ, ରାଜ୍ୟ ଉପ ସଭାନେତ୍ରୀ ସ୍ନେହଲତା ପଟେଲ, ରାଜ୍ୟ କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ନାଏକ, ରାଜ୍ୟ ଉପଦେଷ୍ଟା ଦିଲୀପ ପଟେଲ, ଆଞ୍ଚଳିକ ଉପ ସଭାପତି ଆରତୀ ପଟେଲ, ରାଜ୍ୟ ସମ୍ପାଦକ ସନାତନ ନାଏକ ଯୋଗ ଦେଇ ସମାଜର ସଂସ୍କୃତି, ପରମ୍ପରା, ଭାଷା, ଐତିହ୍ୟ ଚାଲିଚଳଣି ଆଦିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପଟେଲ, ଆଞ୍ଚଳିକ ସମ୍ପାଦକ ଦେବେନ୍ଦ୍ର ପଟେଲ, ପ୍ରଦୀପ ନାଏକ, ପ୍ରହଲାଦ ନାଏକ, ସୁଷମା ପଟେଲ, ଶିବନାଥ ପଟେଲ, ନବୀନ ପଟେଲ ପ୍ରମୁଖ ସଭାର ସଫଳତା ଓ ଜାତିର ଉନ୍ନତି ତଥା ସଙ୍ଗଠନ ଉପରେ ଆଲୋକପାତ କରିଥିଲେ। ଆସନ୍ତାକାଲି ଉକ୍ତ ସମ୍ମିଳନୀ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

# କ୍ରୀଡ଼ା ବିଭାଗକୁ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦର କୃତଜ୍ଞତା

**ସୁନ୍ଦରଗଡ଼,୧୫।୩(ସମିସ):** ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ଓଡ଼ିଶାର ସମସ୍ତ ଜିଲ୍ଲା କ୍ରୀଡା ସଂସଦମାନଙ୍କୁ ବାର୍ଷିକ ଆର୍ôଥକ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦକୁ ଚଳିତ ବର୍ଷ ୩ ଲକ୍ଷ ଅନୁଦାନ ମିଳିବ । ଯାହା ଜିଲ୍ଲାର ଖେଳକୁଦ କରିବାରେ ବେଶ୍ ସହାୟକ ହେବ। ପୂର୍ବରୁ ଏହି ଅନୁଦାନ ରାଶି କମ୍ ଥିଲା। ଅନୁଦାନ ବୃଦ୍ଧି କରି ଜିଲ୍ଲାର ଖେଳାଳିମାନଙ୍କୁ ପ୍ରୋତ୍ସାହନ କରିବା ପାଇଁ ପ୍ରୟାସ ଜାରି ରଖି ଥିବାରୁ ସୁନ୍ଦରଗଡ଼ ଜିଲ୍ଲାବାସୀ ତଥା କ୍ରୀଡାପ୍ରେମୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡା ସଚିବ ଭିନିଲ କ୍ରିଷ୍ଣନଙ୍କ ସମେତ ଆମ ଓଡିଶା, ନବୀନ ଓଡିଶା ଅଧ୍ୟକ୍ଷ ତଥା '୫-ଟି' ସଚିବ କାର୍ତ୍ତିକ ପାଣ୍ଡିଆନଙ୍କୁ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ସହ ସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ, ଉପ ସଭାପତି ପୌଷଚନ୍ଦ୍ର ପଟେଲ୍, ବିମଳ ବୋଷ, ଅଶ୍ୱିନୀ ଭୋଳ, ପ୍ରଶାନ୍ତ ପଟେଲ, ନିତ୍ୟ କୁମାର ବଳ, ରୋମାଞ୍ଚ ଭୈଷାଲ, ଆଶିଷ ଦେ, ଶ୍ୟାମ ନନ୍ଦନ ସହାୟ, ଅରବିନ୍ଦ ପାତ୍ର ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

# ରାଷ୍ଟ୍ରୀୟ କଳାମଞ୍ଚର ଜିଲ୍ଲାସ୍ତରୀୟ ପ୍ରତିଭା ସଙ୍ଗମ

**ସୁନ୍ଦରଗଡ଼,୧୫।୩(ସମିସ):** ସ୍ଥାନୀୟ ଜେ.ଡି.ଆର. ହୋଟେଲରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସୁନ୍ଦରଗଡ଼ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଭା ସଙ୍ଗମ-୨୦୨୪ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଆଇନଜୀବୀ ନନ୍ଦଲାଲ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜକ ବାପୁନ ପସାୟତ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ଅଭିନୟ, କବିତା ଆବୃତ୍ତି, ଚିତ୍ରାଙ୍କନ, ରଙ୍ଗୋଲି, ଫେସନ ଶୋ ଆଦି ପ୍ରତିଯୋଗିତା କରା ଯାଇଥିଲା। ଉକ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ପ୍ରଫୁଲ୍ଲ ଧରୁଆ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀ ପରିଷଦର ରାଜ୍ୟ ଉପ ସଭାପତି ସଂଜୀବ ନାଏକ ମଞ୍ଚାସୀନ ଥିଲେ। ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ କାର୍ଯ୍ୟବାହ ରତ୍ନାକର ବେହେରା, ବନବାସୀ କଲ୍ୟାଣ ଆଶ୍ରମର ରାଜ୍ୟ ସମ୍ପାଦକ ପଙ୍କଜ ଠାକୁର, ନାରାୟଣ ପଟେଲ, ସଞ୍ଜୟ ଇନ୍ଦୁଆର, ଲିପ୍ସା ଦାସ, ସ୍ୱପ୍ନା ରାଉତ, ଆଲୋକ ସିଂ, ପ୍ରିୟବ୍ରତ



ସେଠ୍, ଗୋବର୍ଦ୍ଧନ ବାରିକ, ସୁବ୍ରତ ଜେନା, ତପନ ମାଝୀ, ଉସତ୍ ମାଝୀ, ରାଜା ମିଞ୍ଜ, ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜକ ସୁବ୍ରତ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ବିଭାଗ ସଂଯୋଜକ ଗୋପାଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କଳା ପ୍ରତି ରୁଚି ରଖିଥିବା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

ଆସନ୍ତା ୧୯ ତାରିଖରୁ ଭୁବନେଶ୍ୱରରେ ହେବାକୁ ଥିବା ତିନିଦିନିଆ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ନିଜ କଳା ପ୍ରଦର୍ଶନ କରିବେ। ଆୟୋଜିତ ଉଦଯାପନୀରେ ଉତ୍ସବରେ ଅଧ୍ୟାପକ ନୂତନ ଖମାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀମାନେ କଳାକ୍ଷେତ୍ରରେ ରାଷ୍ଟ୍ରର ନେତୃତ୍ୱ ନେବା ଓ ସମାଜ ସେବାରେ ବ୍ରତୀ ହେବା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ବିଭାଗ ପ୍ରମୁଖ

# ଗୋରୁ ବେପାରୀଙ୍କ ଗାଡ଼ି ଉପରକୁ ପୁଣି ଗୁଳିମାଡ଼

**ସୁନ୍ଦରଗଡ଼/କୁତ୍ରା,୧୫।୩(ସମିସ):** ସୁନ୍ଦରଗଡ ଜିଲ୍ଲାରେ ଗୋରୁ ବେପାରୀଙ୍କ ଗାଡି ଉପରକୁ ପୁଣି ଗୁଳି ମାଡ ହୋଇଛି। ଏଥିରେ ୨ ଜଣ ଗୋରୁ ବେପାରୀ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଭୋରରୁ ଛତିଶଗଡର କେତେକ ଗୋରୁ ବେପାରୀ ପିକଅପ୍ ଭ୍ୟାନ (ସିଜି୧୩ ଏଆର-୯୦୦୩) ଯୋଗେ ସୁନ୍ଦରଗଡ଼ ପଟୁ ଖତକୁରବାହାଲକୁ ଗୋରୁ କିଣିବା ପାଇଁ ଯାଉଥିବା ବେଳେ ଖତକୁରବାହାଲ ଅଞ୍ଚଳରେ କେତେକ ଦୁର୍ବୃତ୍ତ ତାଙ୍କ ଗାଡି ଉପରକୁ ଗୁଳି ଚାଳନା କରିଥିଲେ। ଏଥିରେ ବିକ୍ରମ ଟଣ୍ଡନ (୩୦)ଙ୍କ ଛାତିରେ ଗୁଳି ଲାଗିଥିବା ବେଳେ ସୁନୀଲ ରତ୍ନାକର (୨୮)ଙ୍କ ବେକରେ ଗୁଳି ଲାଗିଥିଲା। ଏହାପରେ ସେମାନେ କୌଣସି ମତେ ସୁନ୍ଦରଗଡ ସରକାରୀ ଡାକ୍ତରଖାନାକୁ ଆସି ଭର୍ତ୍ତି ହୋଇଥିଲେ। ସେମାନେ ତାଙ୍କ ଭାଇଙ୍କୁ ଖବର ଦେବା ପରେ ସେମାନେ ଛତିଶଗଡରୁ ଘଟଣାସ୍ଥଳକୁ ଆସି ତାଙ୍କୁ ଉଦ୍ଧାର କରିଥିବା ପୁଲିସ ଆଗରେ କହିଛନ୍ତି। ଆହତଙ୍କ ଉକ୍ତ ବୟାନକୁ ପୁଲିସ ସନ୍ଦେହ ଦୃଷ୍ଟିରେ ଦେଖୁଛି। ସେହିପରି ସେମାନେ ଅନେକ ତଥ୍ୟ ଲୁଚାଉଥିବା ପୁଲିସ ସନ୍ଦେହ କରି ତନାଘନା ଚଳାଇଛି। ପୁଲିସ ନିଜ ପକ୍ଷରୁ ତଦନ୍ତ ଆରମ୍ଭ କରିବା ପରେ ବିକ୍ରମଙ୍କ ଭାଇ ଦୀପକ ଟଣ୍ଡନ ଅପରାହ୍ନରେ ଏ ନେଇ କୁତ୍ରା ଥାନାରେ ଏତଲା ଦେଇଥିବା ଜଣା ପଡିଛି।



# ଭୋଇପାଲିରେ ଚାଲିଛି ବେଆଇନ ସ୍କୁଲ

ସୁନ୍ଦରଗଡ଼,୧୫।୩(ସମିସ)

ବଡଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲିରେ ଜଘାଂବଡ ଦେଓ ସ୍କୁଲ ନାମକ ଏକ ପ୍ରାଥମିକ ଶିକ୍ଷାନୁଷ୍ଠାନ ଶିକ୍ଷା ବିଭାଗର ବିନା ଅନୁମତିରେ ଚାଲିଥିବା ଅଭିଯୋଗ ହୋଇଛି। ଉକ୍ତ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲକୁ ଅନୁମତି ମିଳି ନ ଥିବାରୁ ଏହାକୁ ବନ୍ଦ କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତଥାପି ଉକ୍ତ ସ୍କୁଲ ବନ୍ଦ କରାଯାଉ ନାହିଁ। ଶିକ୍ଷା ବିଭାଗ ପାଖରେ ନା ଅଛି ସ୍କୁଲ ସମ୍ପର୍କିତ କୌଣସି ତଥ୍ୟ ନା ସ୍କୁଲ କର୍ତ୍ତୃପକ୍ଷ ମାନୁଛନ୍ତି ଶିକ୍ଷା ବିଭାଗର ନୀତିନିୟମ। ସରକାର ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିଲେ ହେଁ ଏହି ସ୍କୁଲରେ ଛାତ୍ର ଛାତ୍ରୀମାନଙ୍କୁ ଦଣ୍ଡ ବିଧାନ କରାଯାଉଛି। ଏପରିକି କିଛି ଦିନ ତଳେ ଏହି ସ୍କୁଲ୍‌ର ଶିକ୍ଷୟତ୍ରୀ ଶ୍ରୀମତି କିସାନଙ୍କ

## ■ ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରୀଙ୍କୁ ଦଣ୍ଡ
## ■ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍

ମାଡରେ ଛାତ୍ରୀ ନିବାସରେ ରହି ପାଠ ପଢୁଥିବା କୁରେଇବଗା ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଛାତ୍ରୀ ଜଣକ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବୋଲ ନ ମାନିବାରୁ ସେ ତାଙ୍କୁ ଛାଟରେ ନିସ୍ତୁକ ମାଡ ମାରିଥିଲେ। ଏଥିରେ ଛାତ୍ରୀ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଠିକ ହିସାବରେ ଚାଲି ପାରୁ ନାହାନ୍ତି। ଏହା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ ଜଣାଇ ନ ଥିଲେ କି ତାଙ୍କ ଚିକିତ୍ସା ମଧ୍ୟ କରାଇ ନ ଥିଲେ। ଫଳରେ ଛାତ୍ରୀ ଜଣକ ଅସହ୍ୟ ଯନ୍ତ୍ରଣା ଭୋଗି ସ୍କୁଲରେ ପଡି ରହିଥିଲେ। ତେବେ ଛାତ୍ରୀଙ୍କ ମା' ତାଙ୍କୁ ଘରକୁ ଆଣିବା ପାଇଁ ସ୍କୁଲ ଯାଇଥିବା ବେଳେ ଏହା ଲୋକଲୋଚନକୁ ଆସିଥିଲା। ଛାତ୍ରୀ ଜଣକ ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ତାଙ୍କ ମା' ନିଜ ଝିଅକୁ ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କୁ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଛନ୍ତି। ଉକ୍ତ ଘଟଣାକୁ ନେଇ ଛାତ୍ରୀଙ୍କ ମାଁ ଫୁଲଗନୀ କିସାନ ବଡଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିଯୋଗର ତଦନ୍ତ କରିଛନ୍ତି। ଉକ୍ତ ତଦନ୍ତ ସମୟରେ ଶିକ୍ଷୟିତ୍ରୀ ଜଣକ ଛାତ୍ରୀଙ୍କୁ ମାଡ ମାରିବା ଘଟଣାକୁ ଅସ୍ୱୀକାର କରି ନାହାନ୍ତି। ଦୋଷ ମାନଛନ୍ତି। ଏହା ସତ୍ତ୍ୱେ ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଶିକ୍ଷା ବିଭାଗ ପକ୍ଷରୁ ଏ ଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ବଡଗାଁ ଥାନା ପୁଲିସ ପକ୍ଷରୁ ମଧ୍ୟ ଏ ନେଇ ମାମଲା ରୁଜୁ ନ କରି ଘଟଣାକୁ ଗୁରୁତ୍ୱ ଦେଉନାହିଁ। ଏ ନେଇ ବଡଗାଁ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶାନ୍ତି ସୁରେଖା ହରୋଙ୍କୁ ପଚାରିବାରେ ଉକ୍ତ ସ୍କୁଲଟି ତାଙ୍କ ଅଧୀନରେ ନାହିଁ, ସ୍କୁଲକୁ ବନ୍ଦ କରିବାକୁ ସେ ନିର୍ଦ୍ଦେଶନାମା ଜାରି କରିଥିବା କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ ସ୍କୁଲର ଅନୁମତି ନ ଥିଲେ ବି ଛାତ୍ରୀଙ୍କୁ ମାଡ ମରାଯିବା ଘଟଣାର ସେ ଅନୁଧ୍ୟାନ କରିବେ ବୋଲି କହିଥିଲେ। ବଡଗାଁ ଥାନା ଅଧିକାରୀ ଆଶିଷ କୁମାର ଜେନା ଛାତ୍ରୀଙ୍କ ମାଁ ଥାନାରେ ଲିଖିତ ଭାବେ ଜଣାଇଥିବା ସ୍ୱୀକାର କରିଥିବା ବେଳେ ଗାଁ ସ୍ତରରେ ଏହାର ସମାଧାନ ବୈଠକ ହୋଇଥିବା କହିଛନ୍ତି।

